ଝିମାଣିଶାଳ ନିର୍ମାଣ

ସିଂହ ଶୁକଳ ତ୍ରୟୋଦଶୀ ତିଥି ଅର୍କବାର
ଧନିଷ୍ଠା ନକ୍ଷତ୍ର କୁମ୍ଭ ରାଶି ଭୋଗ୍ୟ ଅଟଇ ସେ ଦିନର ।୧ ।
ବିଦୁର ମହାତ୍ମା ଯେ ବିଜେ କଲେ ନିଶାକାଳେ
ଭାମସେନକଇ ଦେଖିଲେ ବାରୁଣାବନ୍ତ ପର୍ବତର ତଳେ ।୨ ।
ଯୁଝେଷ୍ଠିଙ୍କି ହକାରି ଆଣ ମୋର କତି
ଆଗ୍ୟାଂ ପ୍ରମାଣେ ବେଗେ ଚଳଇ ମାରୁତି ।୩ ।
ଯୁଝେଷ୍ଠି ଅର୍ଜୁନଙ୍କୁ ଘେନିଣ ବ୍ରିକୋଦର
ବିଦୁରଙ୍କୁ ଭେଟିଲେ ସେ ସୁରନଦୀ ତୀର ।୪ ।
ବିଦୁର କହିଲେ ତୁ ଶୁଣ ହୋ ଯୁଝେଷ୍ଠି
ଅନୁବ୍ରତେ କପଟ ତୁମ୍ଭନ୍ତ ଚିନ୍ତଇ ଧୃତିରାଷ୍ଟି ।୫ ।
ଝିମାଣିଶାଳ ବିନ୍ଧାଣିମାନନ୍ତ ତୋହୋ ସନିଧ୍ୟେ ରୁହାଇ
ତହିଂର ତଦନ୍ତମାନ  ଜାଣିଲୁଟି କି ତୁହି ।୬ ।
ଯୁଝେଷ୍ଠି ବୋଇଲେ ତାତ ଥିଲି ମୁହିଂ ୟେକା
ଦତ୍ୟ ଦାନବଙ୍କୁ ମୋତେ ଲାଗୁଥିଲା ବଡ ଶଙ୍କା ।୭ ।
ଶଙ୍କୁନି ପ୍ରସନ୍ନେ ମୁଂ ହୋଇଲି ନିର୍ଭୟେ
ଏପାର ସାଙ୍ଗ ମୁଂ ପାଇଲି ପିତାମହେ ।୮ ।
ସେ ମୋହୋର ତାତ ଯେ ଅଟନ୍ତି ଧୃତରାଷ୍ଟ
ସକଳ ଚିନ୍ତା କରିବାକୁ ବଂଶକୁ ସେହୁ ଶ୍ରେଷ୍ଠ ।୯ ।
ଅନେକ କାଳ ମୁଂ ରହିଲି ଘୋର ବନେ
ଅନେକ ଅରଷ୍ଟି ବଞ୍ଚିଲି ଧୃତରାଷ୍ଟଙ୍କ ପ୍ରସନ୍ନେ ।୧୦ ।
ବିଦୁର ବୋଇଲେ ତୁ ଧର୍ମ ନ ଛାଡିବୁ କଦାଚିତେ
ଧୃତରାଷ୍ଟର ପ୍ରକୃତି ତୋତେ ନୋହଇ ନା ୟେମନ୍ତେ ।୧୧ ।
ଯେମନ୍ତେ ନାଶଯିବ ତୁମ୍ଭେ ପାଞ୍ଚ ଭାଇ
ତହିଂକି ବୁଦ୍ଧି ହାଦେ ଅନୁବ୍ରତେ ଚିନ୍ତୁଅଛି ସେହି ।୧୨ ।
ତୁ ଯେ ବୋଲୁଅଛୁ ହୃଦଗତେ ଧୃତରାଷ୍ଟ ମୋହୋର ପିତା
କେବଣ ବାଗେ ସହିବଟି ତାକୁ ଧର୍ମ ଯେ ବିଧାତା ।୧୩ ।
ବାବୁ ଝିମାଣିଶାଳମାନ ଯେ ତୋଳାଇଲା ଯତନେ
ଅଗ୍ନି ନ ପାଇଲ ଯହୁଂ ପୁରଅନ ତୋହୋର ଭୁବନେ ।୧୪ ।
ଝିମାଣିଶାଳମାନ ଯେ ୟେଥି ନିମନ୍ତେଟି
ଅଗ୍ନି ଘେନି ପୁରଅନ ଦହିବ ନିଶାରାତି ।୧୫ ।
ବାବୁ ଏମନ୍ତେଟି ହାଦେ ଧୃତିରାଷ୍ଟ ଚିତ୍ତ କଥା
ବାବୁ ସାବଧାନ ହୋଇଥାଅ ୟେମନ୍ତ ବେବସ୍ଥା ।୧୬ ।
ଯୁଝେଷ୍ଠି ବୋଇଲେ ତାତ ତୋହୋର ଯେବେ ୟେହେନେକ ଚିନ୍ତା
କେ ମୋତେ ତ୍ରୈଲୋକ୍ୟେ ଅଛି ପ୍ରମାଦ ବିହନ୍ତା ।୧୭ ।
କହିଣ ବିଦୁର ଯେ ଗଲେ ନିଜ ସ୍ଥାନେ
ଯୁଝେଷ୍ଠି ପ୍ରବେଶ ହୋଇଲେ ବାରୁଣାବନ୍ତ ଭୁବନେ ।୧୮ ।
ହସ୍ତେଣ ଖଡଗ ଯେ ଘେନିଣ ବିଦୁର
ହସ୍ତିନା ଭୁବନେ ଯେ ଭ୍ରମଇ ପୁରେ ପୁର ।୧୯ ।
ନିଶାକାଳେ ଯାନ୍ତେଣ ହସ୍ତିନା ଭୁବନ ଭ୍ରମି
ତୁଲେଣି କେହି ନାହିଂ ୟେକସରେ ରାୟେ ଗମି ।୨୦ ।
ପୁରୁଷକୁ ଦେଖିଲେ ସେ ବୁଲଇ କୋନ୍ଦି କୋନ୍ଦି
ଚିରକୁଟୀ ବସ୍ତ୍ରେକ ସେ କଟିରେ ଅଛି ପିନ୍ଧି ।୨୧ ।
ନୟନେ ଅଞ୍ଜନ ଯେ ମଥାରେ କେଶ ହୀନେ
ପରପଞ୍ଚ ଅବସ୍ଥା ସେ ବସ୍ତ୍ରର ବିହୁନେ ।୨୨ ।

ନିଶାପତିକି ଦେଖିଣ ସେ ହୋଇଲେ ଗୁପତ
ଧାଇଂ ଯାଇ ବିଦୁରେ ଯେ ଧଇଲେ ତାର ହସ୍ତ ।୨୩।
ବିଦୁରେ ବୋଇଲେ ରେ ତୁ ଅଟୁ କାହାର କତି
ପ୍ରପଞ୍ଚ ଅବସ୍ଥାରେ ତୁ ଦିଶୁ ହୀନ ଜାତି ।୨୪।
ଯେ ହସ୍ତିନା ଭୁବନେ ଯେମନ୍ତ ଲୋକ ଦେଖିଲା ତ ନାହିଂ
ଯେହେନେକ ଦାରିଦ୍ର ଅବସ୍ଥା ହୋଇଲୁ ତୁହି କାହିଂ ।୨୫।
ଯେଥିର ସରୂପ କହ ତୁ ମୋହୋର ଅଗ୍ରତେ
ମିଛ କହିଲେ ପ୍ରାଣେ ନାଶିବିଟି ତୋତେ ।୨୬- ୬୨୯୦।